# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# କୃଷି ବିଜ୍ଞାନ କେନ୍ଦ୍ର କଟକ
# ଭାକୃଅନୁପ- ଜାତୀୟ ଧାନ ଗବେଷଣା ଅନୁଷ୍ଠାନ,କଟକ

ତାରିଖ-୦୭/୦୫/୨୦୨୧

## ଆଗକୁ କଟକ ଜିଲ୍ଲାରେ ୫ ଦିନ ପାଇଁ କୃଷି ପାଣିପାଗ ଉପଦେଶ

**ପାଣିପାଗ ପୂର୍ବାନୁମାନ:** କଟକ ଜିଲ୍ଲାରେ ୫ ଦିନ ମଧରେ ଆଜି ପଶ୍ଚିମ ବ୍ଲକ ଗୁଡିକ ଯଥା ନରସିଂହପୁର, ବଡମ୍ବା , ଟିଗିରିଆ , ବାଙ୍କୀ ଓ ଡମପଡା ଆଦି ବ୍ଲକ ଗୁଡିକରେ ସାମାନ୍ୟ ରୁ ମଧମ ବର୍ଷା ବା ଘଡଘଡି ଓ ଅନ୍ୟ ବ୍ଲକ ଗୁଡିକରେ କମ ବର୍ଷା ବା ଘଡଘଡି ସମ୍ଭାବନା ଅଛି . କାଲି ମୁଖ୍ୟତଃ ପୂର୍ବ ବ୍ଲକ ଗୁଡିକ ଯଥା ସଦର , ସାଲେପୁର , ମାହାଙ୍ଗା , ନିଶ୍ଚିନ୍ତକୋଇଲି ଆଦି ବ୍ଲକ ଗୁଡିକରେ ସାମାନ୍ୟ ରୁ ମଧମ ବର୍ଷା ବା ଘଡଘଡି ଓ ଅନ୍ୟ ବ୍ଲକ ଗୁଡିକରେ କମ ବର୍ଷା ବା ଘଡଘଡି ସମ୍ଭାବନା ଓ ନିଆଳି ବ୍ଲକରେ ପାଗ ଶୁଷ୍କ ସମ୍ଭାବନା ଅଛି . ରବିବାର ଦିନ ମୁଖ୍ୟତଃ ପଶ୍ଚିମ ବ୍ଲକରେ କମ ବର୍ଷା ଓ ଅନ୍ୟ ବ୍ଲକ ଗୁଡିକରେ ଅତିକମ ବର୍ଷା ବା ଘଡଘଡି ସମ୍ଭାବନା ଅଛି . ସୋମବାର କଟକ ଜିଲ୍ଲାରେ ପାଗ ମୁଖ୍ୟତଃ ଶୁଷ୍କ ସମ୍ଭାବନା ଅଛି . ମଙ୍ଗଳବାର ପଶ୍ଚିମ ବ୍ଲକ ଗୁଡିକରେ ଅତିକମ ବର୍ଷା ଓ ଅନ୍ୟ ବ୍ଲକ ଗୁଡିକରେ ପାଗ ଶୁଷ୍କ ସମ୍ଭାବନା ଅଛି . ଆଗକୁ ୫ ଦିନର ସର୍ବାଧିକ ତାପମାତ୍ରା ୩୭-୩୯ ଡିଗ୍ରୀ ସି ଓ ସର୍ବନିମ୍ନ ତାପମତ୍ରା ୨୩-୨୬ଡିଗ୍ରୀ ସି ସମ୍ଭାବନା. ଆଗକୁ ୫ ଦିନ ଆକାଶ ମୁଖ୍ୟତଃ ଆଂଶିକ ରୁ ସମ୍ପୂର୍ଣ ମେଘୁଆ ସମ୍ଭାବନା.

## କୃଷି ପାଣିପାଗ ଉପଦେଶ

1.ଯେହେତୁ ପୂର୍ବ ସପ୍ତାହ ରେ କଟକ ଜିଲ୍ଲାରେ ଅତିକମ ରୁ କମ ବର୍ଷା ରେକର୍ଡ ହୋଇଅଛି ତେଣୁ ଜମିରୁ ବଳକା ଜଳ ନିଷ୍କାସନ କରି ସଂରକ୍ଷିତ କୂଅରେ ସ୍ଥଗିତ କରି ରଖନ୍ତୁ.

2.କୀଟନାଶକ, ସାର ପ୍ରୟୋଗ ଓ ଜଳସେଚନ କାର୍ଯ୍ୟ ଆଗକୁ ୩ଦିନ ଘଡଘଡି ଓ ବର୍ଷା କାରଣରୁ ସାମୟିକ ସ୍ଥଗିତ ରଖନ୍ତୁ

3.ବର୍ଷା ଜଳକୁ ବିନିଯୋଗ କରି ଖରାଟିଆ ଜମି ହଳ କରି ପ୍ରସ୍ତୁତ କରନ୍ତୁ.

4.ବର୍ତ୍ତମାନ ଖରାଟିଆ ଶାଗ, ନଳିତା, ରାଶି ବୁଣାବୁଣି କରନ୍ତୁ.

5. ମକା ଫସଲରେ ଫଳବିନ୍ଧା ପୋକ ଲାଗିଲେ cypermethrin ୨ମିଲ କୁ ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ . ଯଦି ବର୍ଷା ପରେ କାଣ୍ଡପଚ ରୋଗ ଲାଗେ ତେବେ Mancozeb 35.0%SC ୩ଗ୍ରାମ କୁ ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ . ଯଦି ଫଳ ଆର୍ମି ଲାଗିଲେ emamectin benzoate (5% S.G.) @ 0.4g କୁ ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ

6.ବର୍ଷା ପରବର୍ତୀ ବାଇଗଣ, ଭେଣ୍ଡି, ଲଙ୍କା ଆଦି ଗଛରେ ମୂଳ ସଢ଼ା ରୋଗ ହେବାର ସମ୍ଭାବନା ଥାଏ. ଏହାର ପ୍ରତିକାର ପାଇଁ 1ଲି ପାଣିରେ 2ଗ୍ରାମ metalxyl+mancozeb ଔଷଧ ମିଶାଇ ମୂଳ ସିଞ୍ଚନ କରନ୍ତୁ.

7.କଖାରୁ ଜାତୀୟ ଫସଲରେ ନିମ୍ନମୁଖୀ ପତ୍ରପୋଡା ରୋଗ ହୋଇପାରେ. ଏହାର ପ୍ରତିକାର ପାଇଁ 1ଲି ପାଣିରେ 2ଗ୍ରାମ metalxyl+mancozeb କିମ୍ବା 0.6ଗ୍ରାମ azoxistrobin+tebuconazole ଔଷଧ କୁ 10 ଦିନ ଅନ୍ତରରେ 2-3 ଥର ଅଦଳ ବଦଳ କରି ସିଞ୍ଚନ କରନ୍ତୁ.

# ଗ୍ରାମୀଣ କୃଷି ମୌସମ ସେବା

# ଭାରତ ପାଣିପାଗ ବିଭାଗ

# କୃଷି ବିଜ୍ଞାନ କେନ୍ଦ୍ର କଟକ

# ଭାକୃଅନୁପ- ଜାତୀୟ ଧାନ ଗବେଷଣା ଅନୁଷ୍ଠାନ,କଟକ

ତାରିଖ-୦୭/୦୫/୨୦୨୧

8.ଝିପି ଝିପି ବର୍ଷା ଯୋଗୁଁ ଲଟା ଜାତୀୟ ଫଲସରେ ଶୋଷକ କୀଟ ଲାଗି ଅଙ୍ଗ ଭୁଷୁଙ୍ଗ ହେବାର ସମ୍ଭାବନା ଥାଏ. ଠିକ ଭାବେ ଫସଲ ନିରକ୍ଷଣ କରି ଏକର ପ୍ରତି 40ଗ୍ରାମ thiomethoxam କିମ୍ବା 50ମିଲି imidacloprid କୁ 200ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ.

09.ବର୍ଷା ପରେ ପନିପରିବା ଫସଲରେ ପତ୍ର ପୋଡା ରୋଗ ଦେଖାଗଲେ 2g carbendazim+mancozeb ଔଷଧ କୁ ପ୍ରତି ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ.

10.ପନିପରିବା ରେ ଝାଉଁଳା ରୋଗ ଦେଖାଗଲେ 2g captan କିମ୍ବା ୧ମିଲି Tebuconazole କୁ 1ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ .

11. କଦଳୀ ଗଛରେ ମଞ୍ଜ ପଟାରୋଗ ଲାଗିଲେ Copper oxy chloride at 3g କୁ ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ. ଯଦି ଶିଙ୍ଗାଟୋକା ରୋଗ ଲାଗୁଚି ତେବେ carbendizim + mancozeb @ 2 g କୁ ପ୍ରତି ଲି. ପାଣିରେମିଶାଇ ସିଞ୍ଚନ କରନ୍ତୁ .

12. ଅମୃତଭଣ୍ଡାରେ ବର୍ଷା ପରେ ମୂଳ ପଚା ରୋଗ ଦେଖାଗଲେ ଜମିରୁ ଅତ୍ୟଧିକ ପାଣିକୁ ନିଷ୍କାସନ ବ୍ୟବସ୍ତା କରନ୍ତୁ ଓ କବକ ନାଶକ thiophanate methyl 70%wp ୨-୪ ଗ୍ରାମ କୁ ପ୍ରତି ଲି ପାଣିରେ ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ .

13. ବର୍ତମାନ ପାଗରେ ଆମ୍ବରେ ଫଳବିନ୍ଧା ପୋକ ଲାଗିଲେ ନିମ୍ବ ତେଲ ୩ମିଲି ଓ chloripyriphos ୧ମିଲି କୁ ପ୍ରତି ଲି ପାଣିରେ ଅଠା ସହିତ ମିଶାଇ ସିଞ୍ଚନ କରନ୍ତୁ. ଯଦି ବର୍ତମାନ ପାଗରେ ଜୀବାଣୁ ଜନିତ ଯାଦୁରା ରୋଗ ଲାଗେ ତେବେ streptocycline (100 ppm) or Agrimycin-100 (100 ppm) କୁ ରୋଗ ଦେଖାଯିବା ପରେ ୧୦ ଦିନ ବ୍ୟବଧାନରେ ୩ ଥର ସିଞ୍ଚନ କରନ୍ତୁ .

13.ବର୍ତମାନ ଗୁହାଳ ଘର କୁ ପରିଷ୍କାର ରଖନ୍ତୁ ଓ ପଶୁ ପକ୍ଷୀ କୁ ନିର୍ମଳ ଜଳ ଦେବା ସହ ଟୀକ୍କା କରଣ ବ୍ୟବସ୍ଥା କରନ୍ତୁ.ପଶୁ ପକ୍ଷୀ ଙ୍କୁ ବର୍ଷା ରେ ବାହାରକୁ ନା ଛାଡିବାକୁ ଦିଅନ୍ତୁ.

14.କରୋନା ମହାମାରୀ ରୁ ରକ୍ଷା ପାଇବା ପାଇଁ ସରକାରଙ୍କ ସମସ୍ତ ଉପଦେଶ ଅବଲମ୍ବନ କରନ୍ତୁ.ମୁଁହ ରେ ମାସ୍କ ବ୍ୟବହାର କରନ୍ତୁ ଓ ସାମାଜିକ ଦୂରତା ବଜାୟ ରଖନ୍ତୁ.

**କୃଷି ପାଣିପାଗ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର,** କଟକ